# Akashvani, Sambalpur

## SAMBALPURI NEWS BULLETIN

### 31 October 2025 – 6.47- 6.52 am.

****************************************************

**ଏକତା ଦିବସ        ପି.ଆଇ.ବି.**

ଏକ୍ ଭାରତ୍ ଶ୍ରେଷ୍ଠ ଭାରତ୍‌ର ଭାବ୍‌ନାକେ ବରକସ୍ କର୍‌ବାର୍ ଲାଗି ଆଏଜ୍ ସାରା ଦେଶେ ଏକତା ଲାଗି ଗଣଦୌଡ଼ ଅଭିଯାନ୍ ହେଉଛେ । ସର୍ଦ୍ଦାର୍ ବଲ୍ଲଭ୍ ଭାଇ ପଟେଲ୍‌ଙ୍କର୍ ଶହେ ୫୦ ତମ ଜନ୍ମ ବାର୍ଷିକୀକେ ଖାସ୍ ଭାବେ ପାଲନ୍ କର୍‌ବାର୍ ଲାଗି ସବୁ ରାଜ୍ୟ, ଜିଲ୍ଲା, ବିଦ୍ୟାଳୟ ଆଉ ବିଶ୍ୱବିଦ୍ୟାଳୟ ମାନ୍‌କୁ ଏକତା ଦୌଡ଼ର ଆୟୋଜନ୍ କରାଯାଇଛେ । ଗୁଜୁରାଟ୍‌ର କେଭାଡ଼ିଆ ଠାନେ ଆଏଜ୍ ହେବାରକେ ଥିବା ରାଷ୍ଟ୍ରୀୟ ଏକତା ଦିବସ୍ ସମାରୋହଥି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗ୍ ଦେଇକରି ଷ୍ଟେଚ୍ୟୁ ଅଫ୍ ୟୁନିଟି ନ ସର୍ଦ୍ଦାର୍ ପଟେଲ୍‌ଙ୍କୁ ଶ୍ରଦ୍ଧାଞ୍ଜଳି ଜନାବେ । ଇ ଅବ୍‌ସରେ ହେବାର୍‌କେ ଥିବା ଏକତା ଦିବସ୍ ଶପଥ୍ ପାଠ୍ କାର୍ଯ୍ୟକ୍ରମ୍ ଆଉ ଖାସ୍ ପରେଡ୍‌ଥି ଶ୍ରୀ ମୋଦୀ ଯୋଗ୍ ଦେବେ । 'ଆରମ୍ଭ -୭ ଦଶ୍‌ମିକ୍ ଶୂନ୍' ଯୋଜ୍‌ନାର୍ ଶୁଭାରମ୍ଭ କର୍‌ବାର୍ ସହେତେ ଶ୍ରୀ ମୋଦୀ ଶହେ ତମ ଫାଉଣ୍ଡେସନ୍ ପାଠ୍ୟକ୍ରମ୍‌ର ଶିକ୍ଷାର୍ଥୀମାନ୍‌କର୍ ସହେତେ କଥାବାର୍ତ୍ତା ହେବାର୍ କାର୍ଯ୍ୟସୂଚୀ ରହିଛେ ।

ଇ ଅବ୍‌ସରେ ଆଉ କିଛି ସମିଆ ଉତ୍‌ରୁ ଭୁବ୍‌ନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ଠାନେ ହେବାର୍‌କେ ଥିବା ରାଜ୍ୟସ୍ତରୀୟ ଏକତା ଦୌଡ଼ କାର୍ଯ୍ୟକ୍ରମ୍‌ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଯୋଗ୍ ଦେବେ ।

ପ୍ରଧାନ୍ ବିଚାର୍‌ପତି        ଆର୍‌ଏନ୍‌ୟୁ/ ସମ୍ବଲପୁର

ସୁପ୍ରିମ୍‌କୋର୍ଟର ବରିଷ୍ଠ ବିଚାର୍‌ପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କୁ ଦେଶର୍ ୫୩ ତମ ପ୍ରଧାନ୍ ବିଚାର୍‌ପତି ଭାବେ ନିଯୁକ୍ତି ଦିଆଯାଇଛେ । ସେ ନଭେମ୍ବର୍ ୨୪ ତାରିଖ୍ ଦିନ ଶପଥ୍ ନେବେ । ଆଇନ୍ ମନ୍ତ୍ରଣାଳୟ ତର୍‌ଫୁ ଗଲାକାଏଲ୍ ଇ ବାବ୍‌ଦେ ସୂଚ୍‌ନା ଦିଆଯାଇଛେ । ପ୍ରଧାନ୍ ବିଚାର୍‌ପତି ଜଷ୍ଟିସ୍ ବି.ଆର୍. ଗବାଇଙ୍କର୍ କାର୍ଯ୍ୟକାଳ ନଭେମ୍ବର୍ ୨୩ ତାରିଖ୍ ଶେଷ୍ ହେବା । ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କର୍ କାର୍ଯ୍ୟକାଳ ପାଖାପାଖି ୧୪ ମାସ୍ ରହେବା ।

ରେଲ୍ ଓଭର୍‌ବ୍ରିଜ୍        ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଲେଭଲ୍ କ୍ରସିଂ ଉପ୍‌ରେ ୯୨ ଟା ରେଲ୍ ଓଭର୍‌ବ୍ରିଜ୍ ତିଆର୍ ହେବା । ଇ ସବୁ ତିଆରି ଲାଗି ସବୁ ଖର୍ଚ୍ଚା ରେଲ୍ ମନ୍ତ୍ରଣାଳୟ କର୍‌ବା । ରେଲ୍ ମନ୍ତ୍ରଣାଳୟ ତର୍‌ଫୁ ଇ ବାବ୍‌ଦେ ରାଜ୍ୟ

ସର୍କାର୍ଙ୍କୁ ଚିଠି ଲେଖାଯାଇଛେ । କେନ୍ଦ୍ର ସର୍କାର୍ଙ୍କର୍ ଇ ନିଷ୍ପତି ଲାଗି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ - ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଉ ରେଲ୍ମନ୍ତ୍ରୀ ଅଶ୍ୱନୀ ବୈଷ୍ଣବ୍ଙ୍କୁ ଧନ୍ୟବାଦ୍ ଜନେଇଛନ୍ ।

ହସ୍ତତନ୍ତ, ହସ୍ତଶିଳ୍ପ ଜାତୀୟ ସମ୍ମିଳନୀ           ପିଆଇବି

ଦେଶର୍ ହସ୍ତତନ୍ତ ଆଉ ହସ୍ତଶିଳ୍ପ ଆଧାରିତ୍ ଗୁଟେ ଜାତୀୟ ସମ୍ମିଳନୀ ଆଏଜ୍ଠାନୁ ଭୁବ୍ନେଶ୍ୱର୍ ନ ମୁଲ୍ ହେଉଛେ । ବୟନ ଶିଳ୍ପ ମନ୍ତ୍ରଣାଳୟର୍ ହସ୍ତତନ୍ତ ଆଉ ହସ୍ତଶିଳ୍ପ ବିକାଶ୍ ଆୟୋଗଙ୍କର୍ ତର୍ଫୁ ହେବାର୍କେ ଥିବା ସମ୍ମିଳନୀଥି ରାଜ୍ୟ ଆଉ କେନ୍ଦ୍ରଶାସିତ୍ ଅଂଚଲ୍ ମାନ୍କର୍ ବିଭାଗୀୟ ଅଧିକାରୀ ଆଉ ହସ୍ତଶିଳ୍ପ ଆଉ ହସ୍ତତନ୍ତ କ୍ଷେତ୍ରର୍ ଅଂଶୀଦାର୍ମାନେ ଯୋଗ୍ ଦେବେ । ଆଏବା ଶନିବାର୍ତକ୍ ଚାଲ୍ବାର୍କେ ଥିବାର୍ ଇ ସମ୍ମିଳନୀଥି ଦେଶେ ରହିଥିବା ହସ୍ତତନ୍ତ କ୍ଷେତ୍ରର୍ ସୁଯୋଗ୍, ଆହ୍ୱାନ୍ ଆଉ ଇ କ୍ଷେତ୍ର ଲାଗି ନୂଆଁ ଯୋଜ୍ନା ପ୍ରସ୍ତୁତି ବାବ୍ଦେ ବିଚାର୍ କରାଯିବା ।

ଓଡ଼ିଶା ରାଜ୍ୟ ଷ୍ଟଲ୍        ଆର୍ଏନ୍ୟୁ/ ସମ୍ବଲପୁର

ମୁମ୍ବାଇ ଠାନେ ଚାଲିଥିବା ଭାରତୀୟ ନୌବାଣିଜ୍ୟ ସପ୍ତାହ ସମ୍ମିଳନୀ-୨୦୨୫ ଥି ଓଡ଼ିଶା ରାଜ୍ୟ ଷ୍ଟଲ୍ ତାର୍ ସୃଜନ୍ଶୀଲ୍ ଡିଜାଇନ୍,

ଆକର୍ଷଣୀୟ ବିଷୟବସ୍ତୁ ଆଉ ରାଜ୍ୟର୍ ସାମୁଦ୍ରିକ ଐତିହ୍ୟ ଆଉ ଭବିଷ୍ୟତ୍‌ର ଉପସ୍ଥାପନାକେ ସ୍ୱୀକୃତୀ ଦେଇକରି ଶ୍ରେଷ୍ଠ ଷ୍ଟଲ୍‌ମାନ୍‌କର୍ ଭିତ୍‌ରୁ ଗୁଟେ ହିସାବେ ବଛା ହେଇଛେ । ଇ ପୁରସ୍କାର୍‌କେ ବନ୍ଦର୍, ଜାହାଜ୍ ଚଲାଚଲ୍ ଆଉ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନଓ୍ୱାଲ୍ ପ୍ରଦାନ୍ କରିଛନ୍ ।

ଛାତ୍ରଛାତ୍ରୀ- ଏଆଇ ପାଠ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

୩ କ୍ଲାସ୍‌ର ଛାତ୍ରଛାତ୍ରୀମାନ୍‌କୁ ଏ.ଆଇ. ଉପ୍‌ରେ ପାଠ୍ ପଢ଼ାଯିବା । ୨୦୨୬-୨୭ ଶିକ୍ଷା ବଛର୍‌ନୁ ସାରା ଦେଶେ ଇଟା ଲାଗୁ ହେବା ବଲି କେନ୍ଦ୍ର ଶିକ୍ଷାମନ୍ତ୍ରଣାଳୟ ତର୍‌ଫୁ ସୂଚ୍‌ନା ମିଳିଛେ । ଇ ବଛର୍ ଶେଷ୍‌ତକ୍ ପାଠ୍ୟ ଉପକରଣ୍, ହେଣ୍ଡ୍‌ବୁକ୍ ଆଉ ଡିଜିଟାଲ୍ ସମ୍ବଲ ତିଆର୍ ହେବାର୍ ସହେତେ ନୂଆଁ ଶିକ୍ଷାବଛର୍ ଆରମ୍ଭ୍‌ନୁ ଇ ପାଠ୍‌ପଢ଼ା ହେବା ।

କିଡ଼ନୀ ରୋଗ- ବୈଠକ୍ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଏଜେ କିଡ୍‌ନୀ ରୋଗ୍‌ର ପ୍ରତିରୋଧ୍, ନିୟନ୍ତ୍ରଣ୍, ଆଉ ତାର୍ ପଦକ୍ଷେପ୍ ବାବ୍‌ଦେ ବୈଷୟିକ କମିଟି ବୈଠକ୍ ଭୁବ୍‌ନେଶ୍ୱର୍ ନ ଥିବା ମିଳିତ ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶାଳୟ ନ ହେଇଯାଇଛେ । ସ୍ୱାସ୍ଥ୍ୟ ଆଉ

ପରିବାର୍ କଲ୍ୟାଣ୍ ବିଭାଗ୍ ସଚିବଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି ନିୟନ୍ତ୍ରଣ୍ ପଦକ୍ଷେପ୍ ମାନ୍‌କର୍ ଲାଗି ରୂପରେଖ ଆଉ ରୋଗୀମାନ୍‌କର୍ ଅସୁବିଧାର୍ ସମାଧାନ୍ ବାବ୍‌ଦେ ଆଲୋଚନା ହେଇଥିଲା ।

ଆଏଜ୍ ପବିତ୍ର ଅଁଏଲା ନଅମୀ ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ୍ ହେଉଛେ ପବିତ୍ର ଅଁଏଲା ନଅମୀ । ପବିତ୍ର କାର୍ତିକ୍ ମାସ୍ ଲାଗି ଲୁକେ ପହପହନୁ ବୁଡ଼୍ ପକଉଥିବାର୍ ବେଲେ ମନ୍ଦିର୍ ମାନ୍‌କୁ ଦେ'ଦେବ୍‌ତାଙ୍କର୍ ଦର୍ଶନ୍ କର୍‌ବାର୍ ସାଙ୍ଗେ ଅଁଲା ଗଛ୍‌କେ ପୂଜା କର୍‌ସନ୍ । ପୁରୀ ଜିଲ୍ଲା ସାକ୍ଷୀଗୋପାଲ୍ ମନ୍ଦିର୍ ନ ଆଏଜ୍ ରାଧା ପାଦ ଦର୍ଶନ୍ ନୀତି ହେସି । ହେଥିର୍‌ଲାଗି ଖୋବ୍ ସଂଖ୍ୟା ନ ଭକ୍ତଙ୍କର୍ ସମାଗମ୍ ହେଇଛେ ।

ସମ୍ବଲପୁର-ରାଷ୍ଟ୍ରୀୟ ଏକତା ଦିବସ ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁର୍ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ସର୍ଦ୍ଦାର୍ ବଲ୍ଲଭ୍ ଭାଇ ପଟେଲ୍‌ଙ୍କର୍ ଜୟନ୍ତୀ ରାଷ୍ଟ୍ରୀୟ ଏକତା ଦିବସ ପାଲନ୍ ଅବ୍‌ସରେ ସର୍ଦ୍ଦାର୍ ପଟେଲ୍ ଆଉ ଜାତୀୟ ଏକତା ଶୀର୍ଷକ୍‌ଥି ଭିନ୍ ଭିନ୍ ପ୍ରତିଯୋଗିତା କରାଯାଇଥିଲା । ଇଥି ଜିଲ୍ଲାର୍ ୩୩ ଟା ଅନୁଷ୍ଠାନ୍‌ନୁ ୨ ଶହ ୩୭ ଝନ୍

ଛାତ୍ରଛାତ୍ରୀ ଭାଗ୍ ନେଇଥିଲେ । କୃତୀ ପ୍ରତିଯୋଗୀମାନ୍‌କୁ ଆଏଜ୍ ହେବାର୍‌କେ ଥିବାର୍ ଏକତା ଗଣଦୌଡ଼ ଅବ୍‌ସରେ ପୁରସ୍କୃତ କରାଯିବା ବଲି ଜିଲ୍ଲା ପ୍ରଶାସନ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଦୁର୍ନୀତି ନିବାରଣ୍ ସଚେତନତା ସପ୍ତାହ   ଆର୍‌ଏନ୍‌ୟୁ/ ସମ୍ବଲପୁର

ବର୍‌ଗଡ଼୍ ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ନ ଦୁର୍ନୀତି ନିବାରଣ୍ ସଚେତନତା ସପ୍ତାହ -୨୦୨୫ ଗଲାକାଏଲ୍ ହେଇଯାଇଛେ । ଅତିରିକ୍ତ ଜିଲ୍ଲାପାଲ୍ ମଧୁଛନ୍ଦା ସାହୁ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ସେନର୍ ଛାତ୍ରୀମାନ୍‌କୁ ସଚ୍ଚୋଟ ଆଉ ଦାୟିତ୍ୱବାନ୍ ନାଗରିକ୍ ହେଇକରି ଦେଶ୍ ଗଠନ୍‌ଥି ଭାଗିଦାର୍ ହେବାର୍ ଲାଗି ତହଁକେଇଥିଲେ ।

ମହିଳା କ୍ରିକେଟ୍- ଫାଇନାଲ୍        ଆର୍‌ଏନ୍‌ୟୁ/ ସମ୍ବଲପୁର

ଭାରତୀୟ ମହିଳା କ୍ରିକେଟ୍ ଦଲ୍ ଦିନ୍‌କିଆ କ୍ରିକେଟ୍ ବିଶ୍ୱକପ୍ ଫାଇନାଲ୍‌ଥି ପୁହୁଁଚିଛେ । ୭ ଥର୍ ବିଶ୍ୱକପ୍ ଜିତିଥିବା ବିଜେତା ଅଷ୍ଟ୍ରେଲିଆ ଦଲ୍‌କେ ଗଲାକାଏଲ୍ ଭାରତୀୟ ଦଲ୍ ୫ ୱିକେଟ୍‌ଥି ହରେଇକରି  ଇ ବିଜୟ ହାସଲ୍ କରିଛେ । ଆଏବା ରଏବାର୍ ଦକ୍ଷିଣ ଆଫ୍ରିକା ଆଉ ଭାରତ୍ ଭିତ୍‌ରେ ଫାଇନାଲ୍ ମେଚ୍ ଖେଲାଯିବା । ମହିଳା

ଦଳର୍ ଜିତ୍ ଲାଗି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଶୁଭେଚ୍ଛା ଜଣେଇଛନ୍ ।